**ବାଇକ ଦୁର୍ଘଟଣାଗ୍ରସ୍ତ, ୨ ଆହତ**

ବ୍ରାହ୍ମଣୀଗାଁ, (ମନୋରଞ୍ଜନ ରଣା) କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ମହାଗୁଡ଼ି ନିକଟସ୍ଥ ପେନାରା ଘାଟି ବୁଲାଣିରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଆହତ ହୋଇଛନ୍ତି । ସେମାନେ ହେଲେ ଡାହୁଗାଁର ପବିତ୍ର ପ୍ରଧାନ ଏବଂ କଟକର ମାଧୁସୁଦନ ମିଶ୍ର । ସେମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବ୍ରାହ୍ମଣୀ ଗାଁ ମେଡିକାଲରେ ଭର୍ତ୍ତି କରିଥିଲେ । ପବିତ୍ରଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ଅଧିକା ଚିକିତ୍ସା ପାଇଁ ଡାକ୍ତର ଅନ୍ୟତ୍ର ଯିବାକୁ ପରାମର୍ଶ ଦେଇଥିଲେ ।



## ସଂକ୍ଷେପରେ

### ସାକେତ ମହୋତ୍ସବ, ସାଧୁସନ୍ଥ ସମ୍ମେଳନ

ଶେରଗଡ,୧୦।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ ଡେଙ୍ଗାପଦରସ୍ଥିତ ରଘୁନାଥ ମଠରେ ପୂର୍ବତନ ମହନ୍ତ ସ୍ୱର୍ଗତ ରାମ କିଶୋର ଦାସ ଗୋସ୍ୱାମୀଙ୍କ ସ୍ମୃତିରେ ସାକେତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଞ୍ଜାମ ଜିଲାର ବିଭିନ୍ନ ମଠର ମଠାଧୀଶମାନଙ୍କୁ ନେଇ ଏକ ସମ୍ମେଳନ ହୋଇଥିଲା । ମଠ ଭିତରେ ଥିବା ପୂର୍ବତନ ମହନ୍ତଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା ସହ ଭଜନକୀର୍ତ୍ତନ ହୋଇଥିଲା । ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ ପରିଚାଳନା କରିଥିଲେ ।

### କୋଟିଏ ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ

ଖଜୁରୀପଡ଼ା, ୧୦।୧୨ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରୀପଡ଼ା ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚୋରାଚାଲାଣ ଓ ଗଞ୍ଜେଇ ଚାଷ ପ୍ରତି ଗୁରୁତ୍ୱ ଦେଇ ଏହାକୁ ଧରପଗଡ କରାଯାଉଛି । ପ୍ରଧାନଙ୍କ ନିର୍ଦ୍ଦେଶରେ ଦୁତିମେଣ୍ଡି ପଞ୍ଚାୟତର ସୀତା ପଦର ଜଙ୍ଗଲରେ ୯୨ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ମଙ୍ଗଳବାର ଏସ୍‌ଆଇ ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ନଷ୍ଟ କରାଯାଇଛି । ପୋଲିସବାହିନୀ ସମେତ ଅବକାରୀ ବିଭାଗ ଏବଂ ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟି ଏଥିରେ ସାମିଲ ହୋଇଥିଲେ । ପ୍ରାୟ କୋଟିଏ ଟଙ୍କା ମୂଲ୍ୟର ଗଞ୍ଜେଇ ଗଛ ସବୁ କାଟି ପୋଡ଼ି ନଷ୍ଟ କରାଯାଇଛି । ଏନେଇ ନଂ. ୨୦୩/୨୪ରେ ଏକ ମାମଲା ରୁଜୁ ହୋଇଛି ।

### ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଦିଗପହଣ୍ଡି,୧୦।୧୨ (ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନାଧିକାରୀ ସବ୍ୟସାଚୀ ମଲଙ୍କ ଚମାଖଣ୍ଡି ଥାନାଧିକାରୀ ଭାବେ ବଦଳି ହୋଇଛି । ତାଙ୍କ ସ୍ଥାନରେ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଦୀପ୍ତି ରଞ୍ଜନ ବେହେରାଙ୍କୁ ନିଯୁକ୍ତି ମିଳିଛି । ଦୀପ୍ତି ରଞ୍ଜନ ୨୦୨୨-୨୪ ମାର୍ଚ୍ଚ ଯାଏ ଦିଗପହଣ୍ଡି ଥାନାରେ କାର୍ଯ୍ୟକରି ଥିଲେ । ମଙ୍ଗଳବାର ପାଟପୁର ଥାନାଧିକାରୀ ଭାବେ କାର୍ଯ୍ୟ ଗ୍ରହଣ କରିଛନ୍ତି ।

### ଶ୍ରମିକ ନେତାଙ୍କ ପରଲୋକ

ଆସିକା,୧୦।୧୨(ସୁରେନ୍ଦ୍ର ନାଥ ସାହୁ)



ଆସିକା ଅଞ୍ଚଳର ଜଣାଶୁଣା ବରିଷ୍ଠ ଶ୍ରମିକ ନେତା ବିପ୍ର ଚରଣ ପ୍ରଧାନଙ୍କ ସୋମବାର କଲେଜଛକ ସ୍ଥିତ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୭୬ ବର୍ଷ ହୋଇଥିଲା । ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କ ପୁଅ ବନ୍ଦି ପ୍ରଧାନ, ମୁକ୍ତି ପ୍ରଧାନ ଝିଅ ଗୀତାଞ୍ଜଳି ସାହୁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ବିପ୍ରଙ୍କ ମୃତ୍ୟୁ ଖବରପାଇ ବହୁ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

### ନୃସିଂହ ଉତ୍ସବ ପାଳିତ

ଛତ୍ରପୁର,୧୦।୧୨ (ଦିଲୀପ ସାମଲ)

ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ସାନ ନୋଲିଆ ନୂଆଗାଁଠାରେ ଶ୍ରୀଶ୍ରୀ ବରାହ ଲକ୍ଷ୍ମୀ ନୃସିଂହ ସ୍ୱାମୀ କାମିନୀ ଦାସୁଲୁ ବୃନ୍ଦ ନୃତ୍ୟ କଳା ସେବାୟତ ଅନୁଷ୍ଠାନ ପକ୍ଷରୁ ନୃସିଂହ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ବଡ଼ ଦାସୁଲୁ ପୁକାଲ କାଲେୟା ସ୍ୱାମୀ ଓ ବଡ଼ ଦାସୁଲୁ ଅର୍ଦ୍ଦୁ ଶ୍ରୀରାମୁଲୁ ସ୍ୱାମୀଙ୍କ ନେତୃତ୍ୱରେ ଅନୁଷ୍ଠାନର ସେବାୟତମାନେ ଗ୍ରାମରେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମର ବହୁ ଭକ୍ତଙ୍କ ସମାବେଶ ହୋଇଥିଲା ।

# ପର୍ଯ୍ୟଟନ ସ୍ଥଳକୁ ସାରା ଦେଶରେ ପହଞ୍ଚାଇବାକୁ ପଡ଼ିବ

## ଆକାଂକ୍ଷୀ କାର୍ଯ୍ୟକ୍ରମ ବୁଲି ଦେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- କୃଷିର ବିକାଶ ଉପରେ ଗୁରୁତ୍ୱ
- ପର୍ଯ୍ୟଟକ ଆସିଲେ ଅର୍ଥନୀତି ବିକାଶ ହେବ

ଫୁଲବାଣୀ/ଫିରିଙ୍ଗିଆ, ୧୦।୧୨(ରାକେଶ କୁମାର ରାଉତ/ବିମଳ ଦିଗାଲ)

ରାଜ୍ୟର ୧୦ଟି ଜିଲାକୁ କେନ୍ଦ୍ର ଆକାଂକ୍ଷୀ ଜିଲା ଭାବେ ନେଇଛି । ଏଥିରେ କନ୍ଧମାଳ ଜିଲା ରହିଛି । ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର କନ୍ଧମାଳ ଗସ୍ତରେ ଆସି ଜିଲାରେ କ'ଣ ସବୁ ଆକାଂକ୍ଷୀ କାର୍ଯ୍ୟକ୍ରମ ହେଉଛି ତାହା ବୁଲି ଦେଖିଛନ୍ତି । ବିଶେଷ କରି ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟ ଏବଂ ପୋଷଣ କାର୍ଯ୍ୟକ୍ରମ, ଶିକ୍ଷା, କୃଷି, ଜଳ ସମ୍ପଦ, ଆର୍ଥିକ ବିକାଶ ଏବଂ ଗମନା ଗମନ ବ୍ୟବସ୍ଥା ଉପରେ ଜିଲା ପ୍ରଶାସନ ସହ କେନ୍ଦ୍ରମନ୍ତ୍ରୀ ମଜୁମଦାର ସମୀକ୍ଷା ବୈଠକ କରିଛନ୍ତି । ପରେ ଫିରିଙ୍ଗିଆ ବ୍ଲକକୁ ଯାଇ ଏହି ସବୁ ବିଭାଗର କାର୍ଯ୍ୟ ବୁଲି ଦେଖିଛନ୍ତି ।

ପ୍ରଥମେ ରତଙ୍ଗ ପଞ୍ଚାୟତ ମାଣ୍ଡ୍ରୀପଡା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ମଜୁମଦାର ପିଲାମାନଙ୍କ ସହ କଥା ହୋଇଥିଲେ । ଅଙ୍ଗନୱାଡି କର୍ମୀ ଏବଂ ଅନ୍ୟମାନଙ୍କୁ କେନ୍ଦ୍ରରେ ଥିବା ସମସ୍ୟା ପଚାରି ବୁଝିଥିଲେ । ପାଖରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ



କରି ସେଠାରେ ଥିବା ସମସ୍ୟା ଉପରେ ଅବଗତ ହୋଇଥିଲେ । ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇ ଚାରା ରୋପଣ କରିବା ପରେ ନବମ ଶ୍ରେଣୀକୁ ଯାଇ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ସେଠାରେ ପିଲାମାନଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ । ଏଥିସହ ବିଭିନ୍ନ ବିଦ୍ୟାଳୟକୁ ଉପରିସ୍ଥ ଅଧିକାରୀ, ଜନ ପ୍ରତିନିଧି ଯାଇ ଖାଦ୍ୟର ମାନ ପରଖିବାକୁ କହିଥିଲେ । ଫିରିଙ୍ଗିଆ ବ୍ଲକକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ରାସ୍ତା ଘାଟ, ମୋବାଇଲ ନେଟୱାର୍କ ସମସ୍ୟା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ ।

ପରେ ଫୁଲବାଣୀ ଫେରି ଆସି ସର୍କିଟ ହାଉସରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କନ୍ଧମାଳ ଜିଲାକୁ ଆକାଂକ୍ଷୀ ଜିଲା ଭାବେ ନିଆଯାଇଛି । ଏହି ଜିଲା ଡେଲଟା ର୍ୟାଙ୍କିଂରେ ରହି ୫ ଥର ପୁରସ୍କୃତ ହୋଇଛି । ବିଶେଷ କରି କୃଷି ଏବଂ ଜଳ ସମ୍ପଦର ବିକାଶ ହୋଇଛି । ସ୍ୱାସ୍ଥ୍ୟ ସେବାରେ ମଧ୍ୟ ଉନ୍ନତି ହୋଇଛି । ଆମେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଉଛୁ । ଜଣେ ପିଲା ପାଠ ପଢ଼ିବା ସହ ଦକ୍ଷତା ବିକାଶ ମଧ୍ୟ ଶିଖିବ । ଫଳରେ ତାକୁ ନିଯୁକ୍ତି ପାଇବାରେ କୌଣସି ସମସ୍ୟା ହେବ ନାହିଁ । କନ୍ଧମାଳ ଜିଲାରେ ହଳଦୀକୁ ନେଇ ଯୁବତୀ ଯୁବକମାନେ ଭଲ ବ୍ୟବସାୟ କରି ପାରିବେ । ଏହି ଜିଲାରେ ବହୁ ପର୍ଯ୍ୟଟନ ସ୍ଥଳ ମଧ୍ୟ ରହିଛି । ଯାହା ଦେଶର କୋଣ ଅନୁକୋଣରେ ପହଞ୍ଚିପାରୁନି । ଆମକୁ ସେସବୁ ସ୍ଥାନଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡିବ । ଏହା ହେଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ହେବ । ପର୍ଯ୍ୟଟକ ଆସିଲେ ଆମ ଅର୍ଥନୀତିରେ ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ସେହିପରି ଜିଲାରେ ରାସ୍ତା ଘାଟର ସମସ୍ୟା ରହିଛି । ମୋବାଇଲ ନେଟୱାର୍କ ମଧ୍ୟ ଅନ୍ୟତମ ସମସ୍ୟା । ଏହା ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବ । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅମ୍ରିତ ରତୁରାଜଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସ୍ୱଚ୍ଛତା ପାଇଁ ୩ ପଞ୍ଚାୟତ ପୁରସ୍କୃତ

ଧରାକୋଟ,୧୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଧରାକୋଟ ବ୍ଲକର ଢଉଗାଁ, ଧରାକୋଟ ଓ ମଛାକୋଟ ପଞ୍ଚାୟତ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଏବିଡି ଓ ସୁଶିଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଚିନ୍ମୟୀ ରାଉତ ଅତିଥି ରୂପେ ଯୋଗଦେଇଥିଲେ । ଢଉଗାଁ ପଞ୍ଚାୟତ ପାଇଁ ସରପଞ୍ଚ ମନୁ ପାତ୍ର ଓ ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ଧରାକୋଟ ପଞ୍ଚାୟତ ପାଇଁ ସରପଞ୍ଚ ପୁନିଆ ଦାସ ଓ ନିର୍ବାହୀ ଅଧିକାରୀ ଅଶୋକ ସେଠୀ, ଏଡିଇଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ମଛାକୋଟ ପଞ୍ଚାୟତ ପାଇଁ ସରପଞ୍ଚ ମଙ୍ଗୁଲୁ ପାତ୍ର ଓ ନିର୍ବାହୀ ଅଧିକାରୀ ଇସାକ ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସେହିପରି ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଗୋଷ୍ଠୀ ସମ୍ବଳ ସଂଯୋଜକ ସୁଶାନ୍ତ ବେହେରାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ, ବିଶ୍ୱ ଶୌଚାଳୟ ଦିବସ ପାଇଁ ମନ୍ଦିର ସଫେଇ, ଜଳଉତ୍ସ ସଫେଇ, ଗାଁ ଆବର୍ଜନା ସଫେଇ, ପର୍ଯ୍ୟଟନ, ବିଦ୍ୟାଳୟ, ଦର୍ଶନୀୟ ସ୍ଥାନ ଓ ସରକାରୀ କାର୍ଯ୍ୟାଳୟ ସଫେଇରେ ଶ୍ରେଷ୍ଠତ୍ୱ ପାଇଁ ଏହି ତିନୋଟି ପଞ୍ଚାୟତକୁ ମନୋନୀତ କରାଯାଇଥିଲା । ଏହି ଅବସରରେ ବ୍ଲକ ସ୍ତରରେ ସ୍ୱଚ୍ଛତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସଫେଇ ମିତ୍ରମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭାଜପାରେ ମିଶିଲେ ବିଜେଡି ସମିତି ସଭ୍ୟ, ସମର୍ଥକ

## ଭାଜପାର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ ।

ବୁଗୁଡା,୧୦।୧୨(କାଳିଚରଣ ଦାଶ)

ପୋଲସରା ନିର୍ବାଚନମଣ୍ଡଳୀ ବୁଗୁଡା ବ୍ଲକ ଅନ୍ତର୍ଗତ ସଙ୍କୁରୁ ପଞ୍ଚାୟତର ଚକାବଟଠାରେ ଭାଜପାର ପଞ୍ଚାୟତସ୍ତରୀୟ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ସମ୍ପର୍କିତ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଙ୍କୁରୁ ପଞ୍ଚାୟତ ସମିତିସଭ୍ୟ ବିଷ୍ଣୁ ପ୍ରସାଦ ପରିଡା ଓ ତାଙ୍କର ବହୁ ସମର୍ଥକ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି । ସଙ୍କୁରୁ ପଞ୍ଚାୟତକୁ ବିରୋଧୀ ଶୂନ୍ୟ କରିବା ଏବଂ ପଞ୍ଚାୟତର ବିକାଶକୁ ପ୍ରାଧାନ୍ୟ ଦେବାକୁ ସେ ବିଜେଡି ଛାଡ଼ି ଭାଜପାରେ ମିଶିଥିବା ବିଷ୍ଣୁ କହିଛନ୍ତି । ଭାଜପା ନେତା ବିକ୍ରମାଦିତ୍ୟ ଆରୁଖ ସଂଯୋଜନା କରିଥିଲେ । ବୈଠକରେ ଭାଜପାର ବହୁ କର୍ମକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ ।

# ସମାଜରେ ସମ୍ମାନର ସହ ବଞ୍ଚିବାକୁ ବିଚାରପତିଙ୍କ ପରାମର୍ଶ

ପୁରୁଷୋତ୍ତମପୁର,୧୦।୧୨ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଦେୱାନୀ ଓ ଫୌଜଦାରି ଅଦାଲତର ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ମଙ୍ଗଳବାର ତାରାତାରିଣୀ କଲେଜ ପରିସରରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଏଥିରେ ଆଇନସେବା କମିଟିର ଅଧ୍ୟକ୍ଷ ସିନିୟର ସିଭିଲ ଜଜ୍ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ଶରତ କୁମାର ସାହୁ ପୌରୋହିତ୍ୟକରି କିପରି ସମାଜରେ କୌଣସି ବ୍ୟକ୍ତିଙ୍କ ସମ୍ମାନ କ୍ଷୁଣ୍ଣହେବ ନାହିଁ, ନିର୍ଯାତନା ଦିଆଯାଇପାରିବ ନାହିଁ । ସମ୍ମାନ କ୍ଷୁଣ୍ଣ ହେବା ଭଳି ଭାଷା ପ୍ରୟୋଗ ଓ ଆଘାତ ଏବଂ ଦଣ୍ଡବିଧାନ ନ କରିବା ଲାଗି ବିଭିନ୍ନ




ପରାମର୍ଶ ଦେଇ ସମସ୍ତେ କିପରି ସମ୍ମାନର ସହ ସୁରକ୍ଷିତ ଭାବେ ରହିପାରିବେ ସେଥିନେଇ ଗୁରୁତ୍ୱାରୋପକରି ମାନବ ଅଧିକାର ଆଇନ ସମ୍ପର୍କରେ ବୁଝାଇଥିଲେ । ଏହା ସହ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ପୂଜା ପ୍ରିୟଦର୍ଶିନୀ ପତି, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନିକାନ୍ତ ସାମଲ ଯୋଗଦେଇ ମାନବ ଅଧିକାର ଆଇନ କ'ଣ ଓ ଏହାକୁ ଉଲ୍ଲଂଘନ କଲେ କ'ଣ ହୁଏ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ସଚେତନ କରିଥିଲେ । ଏଥିରେ କଲେଜର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ପାତ୍ରଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ ।

### ଔଷଧୀୟ ମଶାରି ବଣ୍ଟନ ଆରମ୍ଭ

ଦାରିଙ୍ଗବାଡ଼ି,୧୦।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗ୍ରୀନବାଡ଼ି ପଞ୍ଚାୟତରେ ମଙ୍ଗଳବାର ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଅବସରରେ ବିଡିଓ ପ୍ରୀତିରଞ୍ଜନ ରଥ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ସବ୍‌ଇନ୍‌ସପେକ୍ଟର ବାସନ୍ତି ବେହେରା, ଡାକ୍ତର ଅମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ୧୫୦ ପରିବାର ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି ।

### ଓଡ଼ିଆ, ଇଂରାଜୀ ବିଭାଗ ପକ୍ଷରୁ ପାଠଚକ୍ର

ଆସିକା,୧୦।୧୨ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ମଙ୍ଗଳବାର ଓଡିଆ ଓ ଇଂରାଜୀ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଠଚକ୍ରରେ ଅନୁବାଦତତ୍ତ୍ୱ ଓ ପ୍ରୟୋଗ ବିଷୟବସ୍ତୁ ଉପରେ ଇଂରାଜୀ ବିଭାଗର ଛାତ୍ରୀ ରିଙ୍କିରାଣୀ ମୋହିନୀ ଓ ଓଡିଆ ବିଭାଗର ଛାତ୍ରୀ ସୋନାଲି ପ୍ରଧାନ ଓ କିରଣ ମିଶ୍ର ଉପସ୍ଥାପନ କରିଥିଲେ । ସାଧନ ବ୍ୟକ୍ତି ଭାବେ ବାରିପଦା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଦୟାନିଧି ପରିଡା ଯୋଗଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ । ଅଧ୍ୟାପକ ପ୍ରଫୁଲ୍ଲ କାଣ୍ଡୋଗୋରି, ଅଧ୍ୟାପିକା ସୁଚିସ୍ମିତା ସାହୁ, ଡ. କୁନା ସୁନା, ଅଧ୍ୟାପିକା ସୁଜାତା ସିଂ, ଅଧ୍ୟାପକ ଅଜିତ ମୁଖୀ ଉପସ୍ଥିତ ଥିଲେ ।

# ମହିଳା ହିଂସାକୁ ନା

ଛତ୍ରପୁର,୧୦।୧୨ (ସନ୍ତୋଷ ପାଢ଼ୀ/ଦିଲୀପ କୁମାର ସାମଲ)

ଗଞ୍ଜାମର ଜଉଗଡ଼ ସମ୍ମିଳନୀ କକ୍ଷଠାରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଜନସଚେତନତା ପାଇଁ ଷୋହଳ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ୨୫ ନଭେମ୍ବର ମହିଳା ହିଂସା ବିଲୋପକାରିଣୀ ଦିବସରୁ ଆରମ୍ଭ ହୋଇ ୧୦ ଡିସେମ୍ବର ମାନବ ଅଧିକାର ଦିବସରେ ସମାପ୍ତ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଜିଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସରୋଜିନୀ ଦେବୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରବୀନ, ସମାଜ ମଙ୍ଗଳ ଅଧିକାରୀ ପଦ୍ମିନୀ ସାହୁ, ଜିଲା ପରିଷଦ ଗଞ୍ଜାମର ଭାଇସ ପ୍ରେସିଡେଣ୍ଟ ଏସ. ରାଜେଶ୍ୱରୀ ଦୋରା, ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ସଂଯୋଜକ ଦିଲୀପ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା, କୁୟର ସେକ୍ରେଟାରୀ ଅରୁଣ ଶତପଥୀ, ସେବାର ନିର୍ଦ୍ଦେଶକ ଅଳକା ସାହୁ, ଅରୁଣାର ଜିଲା ସଂଯୋଜକ ମାର୍କଣ୍ଡ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ବେଲଗୁଣ୍ଠାର ସି. ନଳିନୀ ମହାରଣା ଓ ସାନଖେମୁଣ୍ଡିର ସି. ଭବାନୀ ବେହେରା ନିଜର ୧୬ ଦିନିଆ କାର୍ଯ୍ୟକ୍ରମ ପାଳନ ସମ୍ବନ୍ଧୀୟ ଅନୁଭୂତିକୁ ପ୍ରକାଶ କରିଥିଲେ । ଶେଷରେ କୁକୁଡାଖଣ୍ଡିର ସି. କୁସୁମ କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହେନ୍ଦ୍ରତନୟା ମହୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୦।୧୨ (ଗିରିଧାରୀ ପରିଚ୍ଛା)

ଗୋଷାଣି ବ୍ଲକ୍ ସଦର ମହୁକୁମାଠାରେ ଚାଲିଥିବା ମହେନ୍ଦ୍ରତନୟା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ପାରମ୍ପରିକ ନୃତ୍ୟ ଗୀତ, ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣରେ ଦର୍ଶକ ମଜା ଉଠାଇଥିଲେ । ଅନ୍ତିମ ରଜନୀରେ ବିଶିଷ୍ଟ ଅତିଥିଗଣଙ୍କ ସମେତ କଳାକାର ବୃନ୍ଦ ଯୋଗଦେଇଥିଲେ । ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ପ୍ରବଳ ଜନସମାଗମ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ସଂଗୀତ, ନୃତ୍ୟ ପରିବେଷଣ ସାଙ୍ଗକୁ ଆଦିବାସୀ ନୃତ୍ୟରେ ମଞ୍ଚ ଦୁଲୁକିଥିଲା । ଉଦ୍‌ଯାପନୀ




ଉତ୍ସବରେ ଗଜପତି ଜିଲାପାଳ ବିଜୟ କୁମାର ଦାଶ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ବ୍ଲକ୍ ଅଧ୍ୟକ୍ଷ ଏନ୍.ବୀରରାଜୁ, ଜିଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ, ଜିଲା ପରିଷଦ ସଭ୍ୟା ନୀଳାବତୀ ପାରିଗା, ଆର୍‌ଏମ୍‌ସି ସଭାପତି ଏସ୍.ଗଜପତି ରାଓ ପ୍ରମୁଖ ମଞ୍ଚାସୀନ ଥିଲେ ।

### ସଚେତନତା ରଥର ଶୁଭାରମ୍ଭ

ଛତ୍ରପୁର,୧୦।୧୨ (ଦିଲୀପ ସାମଲ)

ତାଲୁକ ଆଇନ ସେବା କମିଟି ପକ୍ଷରୁ ଛତ୍ରପୁର ସିଭିଲ କୋର୍ଟ ପରିସରରେ ୧୪ ରେ ଚଳିତ ବର୍ଷର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହାର ପ୍ରଚାର ଓ ପ୍ରସାର କରି ଲୋକଙ୍କୁ ସଚେତନ କରିବାକୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲା ଓ ଦୌରାଜଜ୍ ମନୋରଞ୍ଜନ ଦାସ, ଏସ୍‌ଡିଜେଏମ୍ ପ୍ରୀତିଶ କୁମାର ରଥ, ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଓଡ଼ିଆ ବିଭାଗ ପାଠଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାମଗିରି,୧୦।୧୨(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ଡ଼.ବି ଆର ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ବିଭାଗ ତରଫରୁ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଏକ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଚାନ୍ଦିପୁଟ ସ୍ଥିତ ଇନ୍ଦିରା ସ୍ମାରକୀ ସ୍ନାତକ ମହାବିଦ୍ୟାୟର ଓଡ଼ିଆ ଅଧ୍ୟାପିକା ଡ. ବୁନି କୁମାରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାମଗିରି ସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସୁଶାନ୍ତ କୁମାର ତ୍ରିପାଠୀ, ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ବନମାଳୀ ଶବର ଏବଂ ଆର. ଭାଲିଆ ସାହି ଟିଆରଡବ୍ଲୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଭୂୟାଁ ମଞ୍ଚାସିନ ଥିଲେ । ଅଧ୍ୟାପକ ସୁଧାକର ରଇତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୱ କୃତି ସନ୍ଦର୍ଭ ପ୍ରସ୍ତୁତି କରିଥିବା ବେଳେ ଅଧ୍ୟାପକ ବାୟାଧର ବଡ଼କୁମର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଧାନସଭାରେ ପ୍ରଶ୍ନକଲେ ଛତ୍ରପୁର ବିଧାୟକ

## ଥାନା କୋଠା, ପୋଲିସ କର୍ମଚାରୀଙ୍କ ଘର ସମସ୍ୟା

ଛତ୍ରପୁର, ୧୦।୧୨(ସନ୍ତୋଷ ପାଢ଼ୀ)- ଗଞ୍ଜାମ ଥାନା କୋଠା ଓ ପୋଲିସ କର୍ମଚାରୀଙ୍କ ଘର ସମସ୍ୟା ନେଇ ବିଧାନସଭାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରଶ୍ନ କରିଛନ୍ତି । ଗଞ୍ଜାମ ଥାନା ଗୃହ ପୋଲିସ ହାଉସିଂ ଦ୍ୱାରା ନିର୍ମାଣ ହୋଇଥିଲା, ଯାହାକି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏବେ ବି ସିମେଣ୍ଟ ଟିଣ ଘରେ ପୋଲିସ କର୍ମଚାରୀ ଓ ତାଙ୍କ ପରିବାର ରହୁଛନ୍ତି । ଏହି ସିମେଣ୍ଟ ଟିଣ ଚାଦର ପରିବର୍ତ୍ତେ ନୂତନ ଘର ନିର୍ମାଣ ହେବାର ପ୍ରସ୍ତାବ ରହିଛି କି ଯଦି ନାହିଁ ଏହାର ବ୍ୟବସ୍ଥା କରାଯିବ କି ନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗଞ୍ଜାମ ପୋଲିସ ଜିଲାର ଗଞ୍ଜାମ ଥାନାର ମରାମତି ବାବଦରେ ଏକ ପ୍ରସ୍ତାବ ରାଜ୍ୟ ପୋଲିସ ସଦର ମହକୁମାରେ ବିଚାରାଧୀନ ଅଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା, ଫାଣ୍ଡିଗଡ଼ିକର ମରାମତି ପାଇଁ ଅର୍ଥ ଯୋଗାଇ ଦିଆଯାଇଛି । ସେହିଭଳି ଗଞ୍ଜାମ ପୋଲିସ ଜିଲାରେ ଛତ୍ରପୁର ଠାରେ ପୋଲିସ କର୍ମଚାରୀଙ୍କ ପାଇଁ ୪ଟି ଇ ଟାଇପ୍, ୪ଟି ଏଫ୍ ଟାଇପ୍ ଏବଂ ୩ଟି ଡି ଟାଇପ୍ ଆବାସିକ ବାସଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି । ପୁନଶ୍ଚ ଛତ୍ରପୁରଠାରେ ପୋଲିସ କର୍ମଚାରୀଙ୍କ ପାଇଁ ୧୨ଟି ଇ ଟାଇପ ଏବଂ ୨୮ଗୋଟି ଏଫ୍ ଟାଇପ ଆବାସିକ ବାସଗୃହ ନିର୍ମାଣ ନିମନ୍ତେ ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ ନିକଟରୁ ହସ୍ତଗତ ହୋଇଥିବା ପ୍ରସ୍ତାବଟି ରାଜ୍ୟ ପୋଲିସ ସଦର ମହକୁମାରେ ବିଚାରାଧୀନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଭବିଷ୍ୟତରେ ଆର୍ଥିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନାର ମରାମତି ଏବଂ ଛତ୍ରପୁରଠାରେ ପୋଲିସ କର୍ମଚାରୀଙ୍କ ପାଇଁ ନୂତନ ଆବାସିକ ବାସଗୃହ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଛାତରୁ ଖସୁଛି ପଲସ୍ତରା, ବିପଦସଙ୍କୁଳ ଗୃହରେ ପାଠପଢ଼ା

ବ୍ରହ୍ମପୁର,୧୦।୧୨,(ସ୍ୱାଧୀନଶେଖର ପାଢ଼ୀ)

ବ୍ରହ୍ମପୁର ସହର ୱାର୍ଡ ନମ୍ବର ୪ର ବିଦ୍ୟୁତପୁରୀ ନିକଟ ୧୩୨ କେଭି ଲାଇନ କଲୋନିରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅବସ୍ଥା ଦୟନୀୟ ହୋଇପଡିଛି । ଜମି ଓ କୋଠା ତଦାରଖର ଦାୟିତ୍ୱ ଓଡ଼ିଶା ଶକ୍ତି ସଂଚାର ନିଗମ ହାତରେ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅସୁରକ୍ଷିତ ହୋଇପଡିଛି । ଛାତରୁ ପଲସ୍ତରା ଖସୁଥିବାବେଳେ ଛାତ୍ରୀଛାତ୍ର ବିପଦସଂକୁଳ ଅବସ୍ଥାରେ ପଢୁଛନ୍ତି । ସ୍କୁଲ ପକ୍ଷରୁ ମରାମତି କରିବାକୁ ବାରମ୍ବାର ଅବଗତ କରାଯିବା ପରେ ବି ନିଗମ କର୍ତ୍ତୃପକ୍ଷଙ୍କ ନିରବତା ଅଭିଭାବକ



ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ୧୯୮୦ରେ ନିଗମରେ କାମ କରୁଥିବା କର୍ମଚାରୀଙ୍କ ପିଲାଙ୍କ ସହ ସ୍ଥାନୀୟ ଅଞ୍ଚଳର ପିଲା ଏଠାରେ ପାଠ ପଢ଼ିବା ପାଇଁ ଏହି ବିଦ୍ୟାଳୟ ନିର୍ମାଣ ହୋଇଥିଲା । ଏହି ସ୍କୁଲରେ ପ୍ରାୟ ୧୯୮ ପିଲାଙ୍କୁ ପ୍ରାୟ ୩ଟି ଶ୍ରେଣୀ ଗୃହରେ ପାଠପଢ଼ା ହେଉଛି । ସରକାରୀ ଅଧିକାରୀଙ୍କ କହିବା ଅନୁଯାୟୀ କୋଠା ଗୁଡ଼ିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । ଜମିର ମାଲିକାନା ହସ୍ତାନ୍ତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ହୋଇନପାରିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ନୂତନ କୋଠା ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁନାହିଁ । । ଛାତ ଦୁର୍ବଳ ହୋଇଯାଇଥିବାରୁ ପଲସ୍ତରା ଖସୁଛି । ଏଥିସହିତ ଅତ୍ୟଧିକ ବର୍ଷା ହେଲେ ଉକ୍ତ ସ୍କୁଲ ଜଳବନ୍ଦୀ ହୋଇଯାଉଛି । ପୂର୍ବରୁ ମରାମତି ଓ ଆନୁସଙ୍ଗିକ ତଦାରଖର ଦାୟିତ୍ୱ ନିଗମ ତୁଲାଉଥିଲା । ଏବେ ଏଥିପ୍ରତି ଆଖି ବୁଜିଛି । ଏ ସଂକ୍ରାନ୍ତରେ ବିଧାୟକଙ୍କ ପ୍ରତିନିଧି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କ କହିବା ଅନୁସାରେ ସ୍ଥିତି ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛୁ ଏବଂ ଶକ୍ତି ନିଗମକୁ ବିକଳ୍ପ ପ୍ରସ୍ତାବ ଦିଆଯାଇଥିବା କହିଛନ୍ତି ।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବେଲଗୁଣ୍ଠା, ୧୦।୧୨ ( କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ କ୍ଷେତ୍ରୀୟବରପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରଞ୍ଜିତ ତ୍ରିପାଠୀ ଓ ବିଦ୍ୟାଳୟର ଆଲୁମିନି ମୁଖ୍ୟ ପ୍ରତାପ ଚନ୍ଦ୍ର ଶତପଥୀ ଅତିଥି ରୂପେ ଯୋଗ ଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ଦୌଡ଼, ଶଟପୁଟ,ଡିସକସ, ଲଙ୍ଗଜମ୍ପ, କବାଡି, ଖୋ ଖୋ, ବ୍ୟାଡମିଣ୍ଟନ, ବଲ ଥ୍ରୋ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରୀମାନେ ଖେଳୁଆଡ ମନୋଭାବ ରଖି ଖେଳିବାକୁ ପରାମର୍ଶ ଦେଇଥିଲେ।

### ଭାରତୀୟ ଭାଷା ଉତ୍ସବ ପାଳିତ

ଟିକିଟି, ୧୦।୧୨ (ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଧାନଘର ସ୍ଥିତ ଓମ ଶ୍ରୀ ଗୁରୁ ଆଦିବାସୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକୀର ମୋହନ ବିଷୋୟୀଙ୍କ ସଭାପତିତ୍ୱରେ ଭାଷା ସମ୍ପର୍କରେ ଆଲୋଚନା ହୋଇଥିଲା। କବି ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ପଟ୍ଟନାୟକ ଆମେ ଓ ଆମ ମାତୃଭାଷା ସମ୍ପର୍କିତ ଏକ ସନ୍ଦର୍ଭ ପାଠ କରିଥିଲେ। ଶିକ୍ଷକ ବୈକୁଣ୍ଠ ନାଥ ପାଢ଼ୀ, ବୈକୁଣ୍ଠ ନାଥ ସାହୁ, ସିମାଞ୍ଚଳ ଗୌଡ଼, ଫକୀର ମୋହନ ବିଷୋୟୀ, ପ୍ରମୋଦ କୁମାର ବୈଦ୍ୟ, ମଧୁସୂଦନ ପାଗଡ଼ା, ବୃନ୍ଦାବନ ବିଷୋୟୀ ଉପସ୍ଥିତ ରହି ଥିଲେ।

### ଜିଲାସ୍ତରୀୟ ବିଜ୍ଞାନ ମେଳା

ଆର,ଉଦୟଗିରି, ୧୦।୧୨ (ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେ.ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଆମ୍ଲୁଲ ରବି କୁମାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆର.ଉଦୟଗିରି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ରମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ବରିଷ୍ଠ କୃଷି ବୈଜ୍ଞାନିକ ଆର.ଉଦୟଗିରି ଡ.ସଞ୍ଜୀବ କୁମାର ମାଣ୍ଡି, ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାଧୁଚରଣ ଦଣ୍ଡସେନା, ପ୍ରଧାନଶିକ୍ଷକ ବନମାଳୀ ବଡରଇତ, ଲୋକନାଥ ନାହାକ, କୃଷ୍ଣଚନ୍ଦ୍ର ସାହୁ, ଅଭୟ କୁମାର ଦାସ ଯୋଗଦାନ କରିଥିଲା ବେଳେ ବିଚାରକଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଏବଂ ବରିଷ୍ଠ କୃଷି ବୈଜ୍ଞାନିକ ଡ.ସଞ୍ଜୀବ କୁମାର ମାଣ୍ଡି ଉପସ୍ଥିତ ଥିଲେ। ଜିଲ୍ଲାର ୭ଟି ବ୍ଲକରୁ ବିଭିନ୍ନ ବିଭାଗରେ ୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲା ବେଳେ ଯୁଧିଷ୍ଠିର ପାଇକ ଏବଂ ପ୍ରହଲ୍ଲାଦ ଶିଅଳ ମଞ୍ଚ ପରିଚାଳନା କରିଥିଲେ।

# ରାଜମିସ୍ତ୍ରିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■କମ୍ପାନୀ ଗାଡ଼ି ଧକ୍କାରେ ଜୀବନ ଗଲା
■୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

ଭଞ୍ଜନଗର, ୧୦।୧୨ (ବାବୁଲା ପ୍ରଧାନ)

ଭଞ୍ଜନଗର ଡହ ମୁଖ୍ୟ ରାସ୍ତାର ଚିଦାନନ୍ଦ ଆଶ୍ରମ ନିକଟରେ ମଙ୍ଗଳବାର ଅପରାହ୍ଣ ୫ଟାରେ ଏକ କମ୍ପାନୀର ଜେସିବି ଗାଡ଼ି ଧକ୍କାରେ ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦଣ୍ଡିପଦର ଗ୍ରାମର ଶିବରାମ ବେହେରା (୩୦) । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଘଟଣାରୁ ପ୍ରକାଶ, ଭଞ୍ଜନଗର ଡହ ମୁଖ୍ୟ ରାସ୍ତା ସମ୍ପ୍ରସାରଣ କାମ ବର୍ତ୍ତମାନ ଚାଲିଛି।

ଏବିସି (୧) କମ୍ପାନୀ ଏହାର ଦାୟିତ୍ୱ ନେଇଛି। କମ୍ପାନୀ ମଙ୍ଗଳବାର ଚିଦାନନ୍ଦ ଆଶ୍ରମ ନିକଟରେ ଜେସିବି ମେଶିନ ସହାୟତାରେ ମାଟି କାମ କରୁଥିଲା। ଏହି ସମୟରେ ଶିବରାମ ଭଞ୍ଜନଗରରୁ କାମ ସାରି ବାଇକ୍‌ରେ ଘରକୁ ଫେରୁଥିଲେ। କାମ ଚାଲିଥିବା ସ୍ଥାନରେ ଶିବରାମ



ହସ୍ପିଟାଲରେ ପହଞ୍ଚିଥିବା ଶିବରାମଙ୍କ ପରିବାର ଓ ଗ୍ରାମବାସୀ।

ରାସ୍ତା ପାର ହେଉଥିବା ବେଳେ କମ୍ପାନୀର ଜେସିବି ମେଶିନ ତାଙ୍କୁ ଧକ୍କା ଦେଇଥିଲା। କମ୍ପାନୀ କର୍ମଚାରୀ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନେଇଥିଲେ। ହସ୍ପିଟାଲରେ ଶିବରାମଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। କମ୍ପାନୀର ଭୁଲ୍ ଯୋଗୁ ଶିବରାମଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶିବରାମଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି। ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି।

ମୃତକଙ୍କ ପରିବାରକୁ ଠିକାଦାର କମ୍ପାନୀ ୧୦ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ନଚେତ ଦାବୀ ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ କମ୍ପାନୀ ଅଞ୍ଚଳ ପରିଚାଳକ ସଞ୍ଜୟ ସାମନ୍ତରାଙ୍କୁ ପଚାରିବାରୁ ସେ କହିଲେ, ଜଣେ ଯୁବକ ବାଇକ୍‌ରେ ଆସି ରାସ୍ତା ଉପରେ କାମ ତଦାରଖ କରୁଥିବା ଆମର ଜଣେ କର୍ମଚାରୀଙ୍କୁ ଧକ୍କା ଦେବା ପରେ ଜେସିବି ଗାଡିରେ ଯାଇ ବାଡେଇ ହୋଇଥିଲେ । ଏଥିରେ ଆମର ମଧ୍ୟ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଶିବରାମ ଙ୍କ ନିର୍ବନ୍ଧ ହୋଇଥିଲା।

# ମିଶନ ଶକ୍ତିକୁ ବିଡ଼ିଓଙ୍କ ଚିଠି

ପୋଲସରା, ୧୦।୧୨ (ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ୨୬ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ ପଦବୀରେ ରହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ କାର୍ଯ୍ୟ କରୁଥିବା ପଞ୍ଚାୟତ ସ୍ଥରୀୟ ସଂଘକୁ ବିଡ଼ିଓ ଚିଠି ଲେଖିଛନ୍ତି। ସୂଚନା ପ୍ରକାରେ ପୋଲସରା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୬୯୬୦ ରହିଛି। ପ୍ରତି ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳା ମାଆମାନେ ଗୋଷ୍ଠୀ ସହାୟିକାରେ ସମ୍ପୂର୍ଣ୍ଣ ଠିକ ଭାବେ କାର୍ଯ୍ୟ କରୁନଥିବା ଓ କାର୍ଯ୍ୟରେ ଅବହେଳା କରିବା, ଜିପିଏଲ୍‌ଏଫ୍‌ର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ସହିତ ବ୍ଲକ କାର୍ଯ୍ୟାଳୟରୁ ତଥ୍ୟ ମଗାଯାଉଥିବା ବେଳେ ସଠିକ ସମୟରେ ପ୍ରଦାନ ନ କରିବା ସହିତ ବ୍ଲକର କାର୍ଯ୍ୟ ସମ୍ପୂର୍ଣ୍ଣ ଠିକ କରି ପାରୁନଥିବା ନେଇ ଚିଠି ମାଧ୍ୟମରେ ଦର୍ଶାଯାଇଛି। ଏହା ସହିତ କେତକ ଗୋଷ୍ଠୀ ସହାୟିକାରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସିଏଲଏଫ୍, ବିଏଲଏଫ୍, ଭିଆର୍‌ପିରେ ବିଭିନ୍ନ ପଦବୀ ଯଥା ସଭାନେତ୍ରୀ, ସମ୍ପାଦିକା, ଇସି ସଦସ୍ୟା ରହି ବିଭିନ୍ନ ପଦବୀରେ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ଏହା ଜିପିଏଲଏଫ୍‌ର ନୀତି ନିୟମାବଳିକୁ ଉଲଂଘନ କହୁଛନ୍ତି ବୋଲି ଦର୍ଶାଯାଇଛି। ବିଭିନ୍ନ ପଦବୀରେ ଯେଉଁମାନେ ରହିଛନ୍ତି ସେମାନେ ତୁରନ୍ତ କେବଳ ଗୋଟିଏ ପଦବୀ ରଖି ଅନ୍ୟ ପଦବୀରୁ ଇସ୍ତଫା ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନି ଚିଠି ପତ୍ର କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଦୁଇଥର ଚିଠି ହୋଇଥିବା ନେଇ ଜଣାପଡ଼ିଛି। ବର୍ତ୍ତମାନ ୭ ଦିନ ମଧ୍ୟମରେ ଯଦି ଇସ୍ତଫା ଦିଅନ୍ତି ନାହିଁ ତା'ହାଲେ ସେମାନଙ୍କ ପଦବୀ ରଦ୍ଦ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡ଼ିଓ କୁରେଶ ଚନ୍ଦ୍ର ଜାନି କହିଛନ୍ତି।

# ସିମିଳିଗୁଡା ପୁରୁଷ, ରାଇକିଆ ମହିଳା ବର୍ଗରେ ଗ୍ରୁପ ଚାମ୍ପିୟନ୍

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍




ବ୍ରହ୍ମପୁର, ୧୦।୧୨ (ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ପିଜି ଖେଳ ପଡିଆରେ ଦୁଇ ଦିନ ଧରି ଚାଲିଥିବା ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ସରିଛି। ସମ୍ପାଦକ ଡ. ସାରଦା ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମୂହ କଲେଜ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ଯୋଗ ଦେଇ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଖେଳକୁଦ ସହାୟକ ହୋଇପାରିବ, ତାହାସହ ପ୍ରତ୍ୟେକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠୀ, ଡ. ସତ୍ୟ ନାରାୟଣ ସାହୁ, ଡ. ଶେଷଦେବ ପାତ୍ର, ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ସହ ଅଭ୍ୟାସ ଜାରି ରଖିବାକୁ କହିଥିଲେ । ଡ. ରବି ନାରାୟଣ ସାହୁ ସଭା ପରିଚାଳନା କରିଥିଲେ । ଗ୍ରୁପ ଚାମ୍ପିଅନ ପୁରୁଷ ବର୍ଗରେ ସିମିଳିଗୁଡ଼ା କଲେଜ,ମହିଳା ବର୍ଗରେ ଜୀବନ ଜ୍ୟୋତି କଲେଜ ରାଇକିଆ ହୋଇଥିବା ବେଳେ ପୁରୁଷ ବର୍ଗରେ ଜୀବନ ଜ୍ୟୋତି ମହାବିଦ୍ୟାଳୟ ରାଇକିଆର ଆକାଶ ସିଂ ୫୦୦୦,୧୫୦୦,୮୦୦ ମିଟର ଦୌଡ଼ରେ ପ୍ରଥମ, ୪୦୦ ମିଟର ଦୌଡ଼ରେ ଦ୍ୱିତୀୟ ହୋଇ ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ଜୀବନ ଜ୍ୟୋତି ମହାବିଦ୍ୟାଳୟ ରାଇକିଆର ମୁକ୍ତାଞ୍ଜଳି ପ୍ରଧାନ ୨୦୦,୮୦୦ ମିଟର ଦୌଡ଼ରେ ପ୍ରଥମ, ୧୦୦ ମିଟର ଦୌଡ଼ରେ ଦ୍ୱିତୀୟ ହୋଇ ଚାମ୍ପିୟନ ହୋଇଛନ୍ତି। ଚଳିତ ବର୍ଷ ଜାଭଲିନ ଥ୍ରୋରେ ଫିରିଙ୍ଗିଆ ପଞ୍ଚାୟତ ଡିଗ୍ରୀ କଲେଜର ରତ୍ନାକର ପାଲଟାସିଂ ୬୦.୪୨ ମିଟର ଫିଙ୍ଗି ରେକର୍ଡ ସୃଷ୍ଟି କରିଛନ୍ତି। ହାମାର ଥ୍ରୋରେ ପାରଳାଖେମୁଣ୍ଡି ଏସ. କେ. ସି. ଜି କଲେଜର ନିର୍ମଳ ଜେନା ୪୩.୯୮ ମିଟର ଫିଙ୍ଗି ରେକର୍ଡ ସୃଷ୍ଟି କରିଛନ୍ତି । କୃତୀ କ୍ରୀଡ଼ାବିତଙ୍କୁ ଅତିଥି ମାନେ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ସୁଧାକର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ରବି ଚରଣ ମିଶ୍ର, ରାଜେଶ ମହାନ୍ତି, କ୍ରିଷ୍ଣା ରେଡ୍ଡୀ, ରବି ବେହେରା,ଧନୁ ଦାସ, ସୁନିତା ପାତ୍ର, ମନୋରମା ମହାରଣା, କବିରାଜ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ ।

### ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

ଧରାକୋଟ, ୧୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ଆରଏସିପିର ୨୦ ବର୍ଷିଆ ପ୍ରାପ୍ୟର ପୁନଃ ନିର୍ଦ୍ଧାରଣ ପାଇଁ ଏକ ଦାବିପତ୍ର ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷକ ସଂଘର ସଭାପତି ସୁକ୍ରୁ ବେହେରା, ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଅରୁଣ ପଟ୍ଟନାୟକ, କ୍ଷେତ୍ରବାସୀ ପଣ୍ଡା, ଅମୂଲ୍ୟ ଚନ୍ଦ୍ର ମିଶ୍ର, ପଦ୍ମ ଚରଣ ପଣ୍ଡା, ଦିଲିପ ସେଠୀ, କିଶୋର ଚନ୍ଦ୍ର ବାଡତ୍ୟା, ସୁରେଶ ଚନ୍ଦ୍ର ମହାରଣା, ଦିଲିପ ପାତ୍ର ଓ ମହାଲକ୍ଷ୍ମୀ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସରକାରୀ ଜମି ଜବରଦଖଲକୁ ନେଇ ଉତ୍ତେଜନା, ଥାନାରେ ଏତଲା

ଦିଗପହଣ୍ଡି/ପାଟପୁର, ୧୦।୧୨ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ତହସିଲ ପୋଡ଼ାମାରୀ ରାଜସ୍ୱ ସର୍କଲ ଅଧିନରେ ରହିଥିବା ଟି.ଗୋବିନ୍ଦପୁର ପଞ୍ଚାୟତ ସାମନ୍ତରାପୁର ଗ୍ରାମର ସରକାରୀ ଗୋଚର ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ଚାଷ ଆରମ୍ଭ କରିବା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ମଙ୍ଗଳବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପାଟପୁର ଥାନାର ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଉକ୍ତ ସରକାରୀ ଜମି ଉପରେ ପୋଡ଼ାମାରୀ ଗ୍ରାମର ବାବୁ ଗୌଡ଼, ଶଙ୍କର ଗୌଡ଼, ପବିତ୍ର ଗୌଡ଼, ବତାଗଡ଼ ଗ୍ରାମର ଉଜ୍ୱଳ ଗୌଡ଼, ବୃନ୍ଦା ଗୌଡ଼, ବାବୁଲା ଗୌଡ଼, ବାସୁ ଗୌଡ଼ ଏବଂ ଜାନକୀ ପଲ୍ଲୀ ଗ୍ରାମର ଦୈତାରୀ ନାୟକ ଜବରଦଖଲ କରି ଟ୍ରାକ୍ଟର ଯୋଗେ ଚାଷ କରି ଆସୁଛନ୍ତି। ୨୦୨୦ରେ ଉକ୍ତ ସରକାରୀ ଜମିରେ ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗ ମାମଲା (ନଂ.ଏମ୍ ସି- ୪୨) ଅନୁଯାୟୀ ୧୪୪ ଧାରା ଜାରି କରାଯାଇଥିଲା। ଯାହାଫଳରେ ଗତ କିଛି ବର୍ଷ ଧରି ସମ୍ପୃକ୍ତ ବ୍ୟକ୍ତିମାନେ ଉକ୍ତ ଚାଷ ଜମିରେ ଚାଷକାର୍ଯ୍ୟ କରୁନଥିଲେ। ପୁଣିଥରେ ସଂଘବଦ୍ଧ ହୋଇ ରାଜସ୍ୱ ଆଇନକୁ ଅବମାନନା କରି ସରକାରୀ ଗୋଚର କିସମରେ ଥିବା ଚାଷଜମିକୁ ଜବରଦଖଲ କରି ଚାଷକାର୍ଯ୍ୟ ଆରମ୍ଭ କରୁଥିବା ବେଳେ ଗ୍ରାମବାସୀ ପ୍ରତିବାଦ କରିବାରୁ ସେମାନଙ୍କୁ ଧମକ ଦିଆଯାଉଥିବା ନେଇ ଗ୍ରାମବାସୀ ଏତଲାରେ ଉଲେଖ କରିଛନ୍ତି। ଜବରଦଖଲକାରୀଙ୍କୁ ଚିହ୍ନଟ କରି ଉଚ୍ଛେଦ କରାନଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ପାଟପୁର ଥାନା ଆଇଆଇସି ଦିପ୍ତୀ ରଞ୍ଜନ ବେହେରା ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଥାନାରୁ ଫେରିଛନ୍ତି।

### କରତ କଳରେ ଚଢ଼ାଉ, କାଠ ଗଣ୍ଡି ଓ ପଟା ଜବତ

ସୋରଡ଼ା, ୧୦।୧୨ (ରଜନୀ ମହାପାତ୍ର)

ଦକ୍ଷିଣ ଘୁମୁସର ବନଖଣ୍ଡ ବଡ଼ଗଡ଼ ବନାଞ୍ଚଳ ଅଧୀନ ଗାଙ୍ଗପୁର ଗ୍ରାମରେ ବନ ବିଭାଗ ପକ୍ଷରୁ ବଡ଼ ଧରଣର ରେଡ୍ ହୋଇଛି। ବେଆଇନ ଭାବେ ଚାଲିଥିବା କରତ କଳ ଉପରେ ଚଢ଼ାଉ କରି ବିପୁଳ ପରିମାଣର କାଠ ଜବତ ହୋଇଛି। ମଙ୍ଗଳବାର ସକାଳୁ ସକାଳୁ ଗାଙ୍ଗପୁର ଗ୍ରାମରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପୋଲିସର ମିଳିତ ସହଯୋଗରେ ଚଢ଼ାଉ ହୋଇଥିଲା। ତିନୋଟି କାଠ ମିଲ୍ ଉପରେ ଏକାକାଳୀନ ଚଢ଼ାଉ ହୋଇଥିଲା। ମିଲ୍‌ରୁ ବିପୁଳ ପରିମାଣର ଶାଳ, ପିଆଶାଳ, ଶାଗୁଆନ କାଠ ଗଣ୍ଡି ଓ ପଟ୍ଟା ଜବତ ହୋଇଛି। ଏହା ସହ ମିଲ୍‌ରେ କାଠ କଟା ଯାଉଥିବା ତିନୋଟି ମେସିନକୁ ମଧ୍ୟ ଜବତ କରିଛି। ପାଞ୍ଚଟି ଟ୍ରାକ୍ଟର ଯୋଗେ କାଠ ଓ ଯନ୍ତ୍ରାଂଶ ଗୁଡିକୁ ବନ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ କାଠ ଓ ସାମଗ୍ରୀର ମୂଲ୍ୟ ତିରିଶି ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ହେବା ଖବର ପାଇ କାଠ ମାଫିଆମାନେ ଗାଁରୁ ଛତ୍ରଭଙ୍ଗ ଦେଇଥିଲେ। ତଦନ୍ତ କରାଯାଇ କାଠ ମିଲ୍‌ର ପ୍ରକୃତ ମାଲିକଙ୍କ ନାମରେ ଏତଲା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

# ପ୍ରବାସୀ ଓଡ଼ିଆଙ୍କୁ ରାଶନ୍ କାର୍ଡ ବଣ୍ଟନ କଲେ ମନ୍ତ୍ରୀ

ପୋଲସରା, ୧୦।୧୨ (ସୁବ୍ରତ ବେହେରା):

ପୋଲସରା ବ୍ଲକର ୧,୯୧୭ ଜଣ ପ୍ରବାସୀ ଓଡ଼ିଆଙ୍କୁ ମଙ୍ଗଳବାର ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଛି। ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୬ଟି ପଞ୍ଚାୟତର ୧,୯୧୭ ଜଣ ପ୍ରବାସୀ ଓଡ଼ିଆଙ୍କ ପରିବାରକୁ ରାଶନ କାର୍ଡ ବଣ୍ଟନ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ଏହାର ସୁଯୋଗ ନେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଦ୍ୟାଳୟ ପାଇଁ ଆସିଥିବା ଖେଳ ସାମଗ୍ରୀକୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ବେହେରା ମଞ୍ଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜାତୀୟ ଶିକ୍ଷାନୀତି କର୍ମଶାଳା

ରମ୍ଭା, ୧୦।୧୨ (ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ ଉପରେ ଏକ କର୍ମଶାଳା ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୈକ୍ଷିକ ଉପଦେଷ୍ଟା ଅର୍ଥନୀତି ଅଧ୍ୟାପକ ବିପିନ କୁମାର ଦାଶ ଜାତୀୟ ଶିକ୍ଷାନୀତି -୨୦୨୦ର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଅଧ୍ୟାପିକା ଅଧ୍ୟାପକମାନଙ୍କ ସନ୍ଦେହ ଦୂର କରିଥିଲେ। ୨୦୨୦ ଶିକ୍ଷାନୀତି ଆଇନ ପ୍ରଣୟନ ହୋଇଥିବା ବେଳେ ତାହା ୨୦୨୪ରେ ଲାଗୁ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଡ. ଭାସ୍କର ଚନ୍ଦ୍ର ମୁଦୁଲି, ଅଧ୍ୟାପିକା ଡ.ସାଗରିକା ମହାପାତ୍ର, ଟି. ଅଲିଶ୍ରୀ ଆଚାରୀ, ଅଧ୍ୟାପକ ହେମନ୍ତ କୁମାର ଦାଶ, ଗଣେଶ ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଶିକ୍ଷା ବିଭାଗର ଅଧ୍ୟାପିକା ଗୌରୀ ବଳବନ୍ତରାୟ, ରଞ୍ଜିତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଦାରିଙ୍ଗବାଡ଼ି, ୧୦।୧୨ (ଅରୁଣ ସାହୁ)

ଜାନୁୟାରୀରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଶୀତ ମହୋତ୍ସବ ପାଳନ କରାଯିବ। ଏନେଇ କମିଟିର ସମ୍ପାଦକ ତଥା ଦାରିଙ୍ଗବାଡି ବିଡିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବଥର ଯାହା ତ୍ରୁଟି ଥିଲା ତାକୁ ସୁଧାରି ଉତ୍ସବ ପାଳନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ଥର ୩ଦିନ ଶୀତ ମହୋତ୍ସବ ପାଳନ କରାଯିବ। ଏଥିପାଇଁ ପ୍ରତିଦିନ ଅତିଥିଙ୍କ ମଞ୍ଚରେ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ କଳାକାର ତଥା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ମଞ୍ଚରେ ସୁଯୋଗ ଦେବା ଲାଗି ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁ, ଉପସଭାପତି ଦିଲୀପ କୁମାର ସାହୁ, ହୋଟେଲ ସଂଘ ସଦସ୍ୟ ତୁଷାର ସାହୁ, ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ଜିଲା ସମ୍ପାଦକ ହରେନ କୁମାର ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ପତିତପାବନ ରାଉତ, ସରପଞ୍ଚ ଚନ୍ଦ୍ରିକା ମଲିକ, ବନାନୀ ସାରସ୍ୱତ ପରିଷଦର ସମ୍ପାଦକ ବିଦେଶୀ ନାୟକ, ରାଜା ଦୋରା, ସିମନବାଡ଼ି ସମିତିସଭ୍ୟ ସାଧୁ ନାୟକ, ବୁଢ଼ାଗୁଡ଼ା ସରପଞ୍ଚ ତାତୁରା ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ଘରେ ପଶି ମରଣାନ୍ତକ ଘଟଣା, ୫ ଅଟକ

ଗୋପାଳପୁର, ୧୦।୧୨ (ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଧୀନ ଆମ୍ବପୁଆ ରାଜାସାହିରେ ସୋମବାର ରାତି ୧୦ଟାରେ ଜଣେ ଯୁବକଙ୍କ ଘରେ ପଶି ୧୦ରୁ ଊର୍ଦ୍ଧ୍ୱ ଯୁବକ ଲୁହା ଛଡ଼ ଓ ପଥରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚାରଉଚରା କରୁଛି । ସୂଚନା ଅନୁଯାୟୀ ଆମ୍ବପୁଆ ରାଜା ସାହିର ଶଙ୍କର ସେଠୀ ଘରେ ଶୋଇଥିବା ବେଳେ ରାତି ସାଢ଼େ ୧୦ଟା ବେଳେ ହଠାତ ୧୦/୧୨ ଜଣ ଯୁବକ ଘର ବାହାରେ ଶଙ୍କରଙ୍କ ମା'ଙ୍କୁ ଘର ପିଣ୍ଡାରେ ଥିବା ଦେଖି ଶଙ୍କର କେଉଁଠି ଅଛି ବୋଲି ପଚାରି ଗାଳି ଗୁଲଜ କରିଥିଲେ। ଭୟରେ ଶଙ୍କରଙ୍କ ମା' ଘର ଭିତରକୁ ଦୌଡି ପଳାଇଥିଲେ। ତାଙ୍କ ପଛେ ପଛେ ସମ୍ପୃକ୍ତ ଯୁବକମାନେ ଘର ଭିତରକୁ ଜବରଦସ୍ତ ପଶି ଶୋଇଥିବା ଶଙ୍କରଙ୍କୁ ପଥର ଛେଚିବା ସହ ମରଣନ୍ତକ ଆକ୍ରମଣ କରିଥିଲେ। ବାହାରେ ସାହି ପଡ଼ୋଶୀ ଜମା ହୋଇଯିବାରୁ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଘଟଣା ନେଇ ମଙ୍ଗଳବାର ଶଙ୍କର ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ. ୩୪୧/୨୪ରେ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୫ ଯୁବକଙ୍କୁ ଆଣି ଅଟକ ରଖିଛି।



